+3-I-S-NEP-Major-I-P-1-Arts-Odia

# 2024

Time :As in Programme

Full Marks : 100

*The figures in the right-hand margin indicate marks.*

*Answer **all** the questions*

## 'କ' ବିଭାଗ

୧. ଗୋଟିଏ ବାକ୍ୟରେ ଉତ୍ତର ଦିଅ । ୧x୧୦

(କ) ଭାଷାର ସାର୍ଥକ ସଂଜ୍ଞା କ'ଣ ?

(ଖ) ଭାରତର ପ୍ରାଚୀନତମ ଭାଷା କେଉଁ ପରିବାରର ଅନ୍ତର୍ଭୁକ୍ତ ?

(ଗ) କେଉଁମାନେ ଭାରତର ଦ୍ୱିତୀୟ ବୃହତ୍ତର ଭାଷାଭାଷୀ ଗୋଷ୍ଠୀ ?

(ଘ) ଓଡ଼ିଆ ଭାଷା କେଉଁ ଅପଭ୍ରଂଶରୁ ଉତ୍ପତ୍ତି ଲାଭ କରିଥିବା ଅନୁମାନ କରାଯାଏ ?

(ଙ) ଭାଷାର ଉତ୍ପତ୍ତି ସମ୍ବନ୍ଧୀୟ ପ୍ରାଚୀନତମ ସିଦ୍ଧାନ୍ତଟି କ'ଣ ?

(ଚ) ଭାଷାର ସୃଷ୍ଟି ସମ୍ପର୍କରେ ସର୍ବାଧିକ ସୁଚିନ୍ତିତ ସିଦ୍ଧାନ୍ତଟି କ'ଣ ?

(ଛ) ପୃଥିବୀର ଭାଷା ପରିବାରର ବୃହତ୍ତମ ଗୋଷ୍ଠୀଟି କେଉଁ ଭାଷା ପରିବାରର ଅନ୍ତର୍ଭୁକ୍ତ ?

(ଜ) ପ୍ରାଚୀନ ଭାରତୀୟ ଆର୍ଯ୍ୟ ଭାଷାର ଆନୁମାନିକ ସମୟକାଳ କେବେ ?

(ଝ) ପ୍ରାମାଣିକ ଭାଷାକୁ ଅନ୍ୟ କେଉଁ ନାମରେ ନାମିତ କରାଯାଏ ?

(ଞ) ଆଞ୍ଚଳିକ ଭାଷାର ଅନ୍ୟ ଏକ ପରିଚୟ କ'ଣ ?

(Turn Over)

## 'ଖ' ବିଭାଗ

୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇଟି ବାକ୍ୟରେ ୫୦ ଶବ୍ଦ ମଧ୍ୟରେ ଦିଅ । ୨x୯

(କ) 'ଭାଷା' ଶବ୍ଦର ଗ୍ରୀକ୍ ପ୍ରତିଶବ୍ଦ କ'ଣ ? ଏହା କେଉଁ ଅର୍ଥକୁ ବୁଝାଏ ?

(ଖ) ଭାଷା ସୃଷ୍ଟିର ସଫଳତା କେଉଁ ଦୁଇଟି ପକ୍ଷ ଉପରେ ନିର୍ଭର କରେ ଓ କିପରି ?

(ଗ) ଭାଷାର ସ୍ୱରୂପ ଆଲୋଚନା କେଉଁ ଚାରୋଟି ଦିଗ ଉପରେ ପର୍ଯ୍ୟବସିତ ହୋଇଥାଏ ?

(ଘ) ଭାଷା ସୃଷ୍ଟି ସମ୍ପର୍କରେ ଡାରୱଇନ୍‌ଙ୍କ ପ୍ରବର୍ତ୍ତିତ ସିଦ୍ଧାନ୍ତ କ'ଣ ?

(ଙ) ଅପଭାଷା କ'ଣ ? ଏହାକୁ କେଉଁ ଦୁଇଟି ଅର୍ଥରେ ଗ୍ରହଣ କରାଯାଇପାରେ ?

(ଚ) ଭାଷା ଉତ୍ପତ୍ତି ସମ୍ବନ୍ଧୀୟ ପ୍ରେମ ସିଦ୍ଧାନ୍ତ କ'ଣ ? ଏହା କାହାର ଉଦ୍ଭାବନ ?

(ଛ) ଭାଷା ଉତ୍ପତ୍ତି ସମ୍ବନ୍ଧୀୟ ପ୍ରତିବିମ୍ବ ସିଦ୍ଧାନ୍ତ କ'ଣ ?

(ଜ) କୃତ୍ରିମ ଭାଷା କ'ଣ ? ଏହା କେତେ ଭାଗରେ ବିଭକ୍ତ ?

(ଝ) ପ୍ରାଚୀନ ଭାରତୀୟ ଆର୍ଯ୍ୟ ଭାଷାର ପ୍ରଥମ ପର୍ଯ୍ୟାୟ ଓ ପରବର୍ତ୍ତୀ ପର୍ଯ୍ୟାୟକୁ କ'ଣ କୁହାଯାଏ ?

## 'ଗ' ବିଭାଗ

୩. ଯେକୌଣସି ଆଠଟିର ଉତ୍ତର ୨୫୦ ଶବ୍ଦ ମଧ୍ୟରେ ଦିଅ । ୫x୮

(କ) ଭାଷା ସୃଷ୍ଟିର ଉଦ୍ଦେଶ୍ୟ ଦର୍ଶାଇ ଏହାର ଶ୍ରେଣୀ ବିଭାଗ ନିରୂପଣ କର ।

(ଖ) ଭାଷାର ରୂପଭେଦ କେଉଁ ଆଧାର ଉପରେ ନିର୍ଭର କରେ, ଦର୍ଶାଅ ।

(ଗ) ଭାଷା ଓ ଉପଭାଷା ମଧ୍ୟରେ ଥିବା ପାର୍ଥକ୍ୟ ନିରୂପଣ କର ।

(ଘ) ଉପଭାଷା ସୃଷ୍ଟିର କାରଣମାନ ସମ୍ବନ୍ଧରେ ଆଲୋଚନା କର ।

(ଙ) ଦୈବୀ ଉତ୍ପତ୍ତି ସିଦ୍ଧାନ୍ତର ସବିଶେଷ ବ୍ୟାଖ୍ୟା କର ।

(ଚ) ଭାଷାର ଉତ୍ପତ୍ତି ସମ୍ବନ୍ଧରେ ଭାଷା ବିଜ୍ଞାନୀଙ୍କର ଜିଜ୍ଞାସା କାହିଁକି ନ ଥାଏ ?

(ଛ) ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ବ୍ୟବହୃତ ଟିପିକାଲ ଭାଷାକୁ କ'ଣ କୁହାଯାଏ ? ଓଡ଼ିଶାରେ ଏଗୁଡ଼ିକର ପ୍ରୟୋଗକ୍ଷେତ୍ର ନିରୂପଣ କର ।

(ଜ) ରାଜଭାଷା ଓ ରାଷ୍ଟ୍ରଭାଷା କିପରି ପରସ୍ପରଠାରୁ ଭିନ୍ନ, ଦର୍ଶାଅ ।

(ଝ) ପୂର୍ବୀ-ମାଗଧୀ ଅପଭ୍ରଂଶ କେତେ ଭାଗରେ ବିଭକ୍ତ ? ଓଡ଼ିଆ ଭାଷା କାହାର ଅନ୍ତର୍ଭୁକ୍ତ ?

(ଞ) ଓଡ଼ିଶା ଆସିଥିବା ଚୀନ୍ ପରିବ୍ରାଜକ ହୁଏନ୍‌ସାଂ ଆମ ରାଜ୍ୟର ତତ୍କାଳୀନ ଭାଷା ସମ୍ବନ୍ଧରେ କ'ଣ ଉଲ୍ଲେଖ କରିଛନ୍ତି ?

## 'ଘ' ବିଭାଗ

ଯେକୌଣସି ଚାରିଟିର ଉତ୍ତର ୮୦୦ ଶବ୍ଦ ମଧ୍ୟରେ ଦିଅ । ୮x୪

୪. ପୃଥିବୀର ଭାଷା ପରିବାରମାନଙ୍କ ବିଷୟରେ ସବିଶେଷ ବ୍ୟାଖ୍ୟା କର ।

୫. ବିଭିନ୍ନ ଦୃଷ୍ଟିକୋଣରୁ ଭାଷାର ସ୍ୱରୂପ ନିର୍ଣ୍ଣୟ କର ।

୬. ଭାଷାର ପ୍ରବୃତ୍ତିଗୁଡ଼ିକ ସମ୍ବନ୍ଧରେ ବିଶଦ ଆଲୋଚନା କର ।

୭. ବିଭିନ୍ନ ସ୍ତର ଓ ଉଦ୍ଦେଶ୍ୟ ଅନୁଯାୟୀ ଭାଷାର ଶ୍ରେଣୀ ବିଭାଗ ନିରୂପଣ କର ।

୮. ଉପଭାଷା ଆବୃତି ଲାଭ କରିବା ମୂଳରେ କି କି କାରଣ ରହିଛି, ଦର୍ଶାଅ ।